## ୧ ସେପ୍ଟେମ୍ବର ୨୦୨୩ ଖୁତ୍‌ବା ଜୁମାର ସାରାଂଶ
## ସ୍ଥାନ - ମସଜିଦ୍ ମୁବାରକ୍, ଇସଲାମାବାଦ୍

**ହଜରତ ମସିହ ମଉଦ ଅ.ସଙ୍କ ନୀତିଶିକ୍ଷା ଆଲୋକରେ ଜର୍ମାନୀର ବାର୍ଷିକ ଧର୍ମସମ୍ମିଳନୀରେ ଯୋଗଦାନକାରୀଙ୍କୁ ପ୍ରିୟ ହଜୁର ଅନୱର ଅ.ବଙ୍କର ବହୁମୂଲ୍ୟ ଉପଦେଶ ।**

ଅଶ୍‌ହଦୁ ଅଲ୍ଲା ଇଲାହା ଇଲ୍ଲାହୁ ୱହଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହଜୁର ଅନୱର ଅ.ବ କହିଲେ; ଅଲ୍‌ହମ୍‌ଦୁଲିଲ୍ଲାଃ ଆଜି ଜମାଅତ ଅହେମଦିୟା ଜର୍ମାନୀର ବାର୍ଷିକ ଧର୍ମସମ୍ମିଳନୀ ମହାଡ଼ମ୍ବର ଓ ବ୍ୟାପକ ସ୍ତରରେ ଆୟୋଜିତ ହେଉଅଛି । ଅଲ୍ଲାଃତାଲା ସମସ୍ତ ଯୋଗଦାନକାରୀଙ୍କୁ ଜଲସାର ଉଦ୍ଦେଶ୍ୟ ପ୍ରାପ୍ତକାରୀ କରାନ୍ତୁ । ଜଲସା ଆୟୋଜନ କରିବାର ବହୁତ ବଡ଼ ଉଦ୍ଦେଶ୍ୟ ଯାହାକି ହଜରତ ମସିହ ମଉଦ ଅ.ସ ଆମକୁ ଶିକ୍ଷା ଦେଇଛନ୍ତି ଏବଂ ଅତି ଦର୍ଦ୍‌ର ସହିତ ପ୍ରକାଶ କରିଛନ୍ତି । ତାହା ଏହିକି ଯେ, ଆପଣ ଅ.ସଙ୍କ ବୈଅତ୍‌ରେ ଅନ୍ତର୍ଭୁକ୍ତ ସଦସ୍ୟବୃନ୍ଦ ଧାର୍ମିକ ଜ୍ଞାନ ଅର୍ଜନ କରନ୍ତୁ, ଆଧାତ୍ମିକତାରେ ଉନ୍ନତି କରନ୍ତୁ । ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରି ତାଙ୍କୁ ପ୍ରେମ କରିବାରେ ଆଗକୁ ବଢ଼ି ଚାଲନ୍ତୁ । ହଜରତ ମୁହମ୍ମଦ ସ.ଅଙ୍କର ପୂର୍ଣ୍ଣ ଆଜ୍ଞାକାରୀଙ୍କ ମଧ୍ୟରେ ସାମିଲ ହୋଇଯାନ୍ତୁ ।

ପ୍ରିୟ ହଜୁର ଅନୱର ଅ.ବ କହିଲେ; ଚଳିତ ବର୍ଷ ଜମାଅତ ଅହେମଦିୟା ଜର୍ମାନୀକୁ ପ୍ରତିଷ୍ଠା ହେବାକୁ ଶତବର୍ଷ ହୋଇ ଯାଇଛି । ଏଥିରେ ଆନନ୍ଦ ଉଲ୍ଲସିତ ହେବା ସହିତ ଆମମାନଙ୍କୁ ଏହା ମଧ୍ୟ ଦେଖିବାକୁ ହେବ ଯେ, ଏହି ଦୀର୍ଘ ଅବଧି ମଧ୍ୟରେ ଆମେ କ'ଣ ହାସଲ କଲେ ? ଆମେ ନିଜ ବିଶ୍ୱାସର କିଭଳି ହିଫାଜତ୍ (ସୁରକ୍ଷା) କଲେ ? ଯଦି ଆମେ ନିଜ ଓ ନିଜ ସନ୍ତାନମାନଙ୍କ ଅଭ୍ୟନ୍ତରରେ ପବିତ୍ର ପରିବର୍ତ୍ତନ ଆଣିବାକୁ ପ୍ରଚେଷ୍ଟା କରିଛେ ତେବେ ଏହା ହିଁ ପ୍ରକୃତ କୃତଜ୍ଞତା ଯାହାକି ଆମକୁ ଏହି ଅବସରରେ ଜ୍ଞାପନ କରିବା ଉଚିତ୍ । ବର୍ତ୍ତମାନ ମୁଁ ହଜରତ ମସିହ ମଉଦ ଅ.ସଙ୍କର କିଛି ସନ୍ଦର୍ଭ ଆପଣମାନଙ୍କ ସମ୍ମୁଖରେ ରଖିବି, ଯାହାକି ଆମମାନଙ୍କୁ ନିଜ ମୂଳ ଲକ୍ଷ ପ୍ରତି ପଥପ୍ରଦର୍ଶିତ କରିବ । ଆପଣ ଅ.ସ କୁହନ୍ତି; ଏହା ଏକ ଭ୍ରମ ଧାରଣା ଯେ, ଆମେ ବୈଅତ୍ କରିନେଲେ ପରମେଶ୍ୱର ପ୍ରସନ୍ନିତ ହୋଇଯିବେ । ଏହା ମାତ୍ର ଏକ ବକଳ । ମଗଜ (ରସ) ତ ଏହା ଅଭ୍ୟନ୍ତରରେ ରହିଛି । ସୁତରାଂ ଯେଉଁ ବ୍ୟକ୍ତି ବୈଅତ୍ ଓ ବିଶ୍ୱାସର ଦାବୀ କରେ ତାହାକୁ ନିଜର ଅନୁଶୀଳନୀ କରିବା ଉଚିତ୍ ଯେ, **ମୁଁ ବକଳ ମାତ୍ର ଅଥବା ମଗଜ ?**

ଧର୍ମକୁ ସାଂସାରିକତା ଉପରେ ପ୍ରାଧାନ୍ୟ ଦେବା ଅର୍ଥ କ'ଣ ? ଏହାର ସ୍ପଷ୍ଟିକରଣ କରି ହଜରତ ମସିହ ମଉଦ ଅ.ସ କୁହନ୍ତି; ମୋ କହିବାର ଉଦ୍ଦେଶ୍ୟ ଏହା କଦାପି ନୁହେଁ ଯେ, ଜଣେ ମୁସଲମାନ ଅଳସୁଆ ହୋଇଯାଉ । ଇସଲାମ କାହାରିକୁ ଅଳସୁଆ କରି ନଥାଏ । ନିଜ ବ୍ୟବସାୟ ଓ ଚାକିରୀ ମଧ୍ୟ କରନ୍ତୁ କିନ୍ତୁ ମୁଁ

ଏହା ପସନ୍ଦ କରୁ ନାହିଁ ଯେ, ଅଲ୍ଲାଃଙ୍କ ଖାତିର ତାଙ୍କର କୌଣସି ମୁହୂର୍ତ୍ତ ବ୍ୟର୍ଥ ଚାଲିଯାଉ । ନମାଜର ଧାର୍ଯ୍ୟ ସମୟରେ ନମାଜ ପାଠ କରିବାରୁ ନିବୃତ୍ତ ରୁହନ୍ତୁ ନାହିଁ । ପ୍ରତ୍ୟେକ କାର୍ଯ୍ୟରେ ଧର୍ମକୁ ପ୍ରାଥମିକତା ଦିଅନ୍ତୁ । ଏକଥା ମନେରଖ ଯେ, ସଂସାର ତୁମର ଲକ୍ଷ ନୁହେଁ ବରଂ ମୂଳ ଉଦ୍ଦେଶ୍ୟ ଧର୍ମ ହେବା ଉଚିତ୍ । ତେବେଯାଇ ତୁମର ସାଂସାରିକ କାର୍ଯ୍ୟ ଧର୍ମ ପାଲଟିଯିବ । ଆପଣ[ଅ.ସ] କହିଲେ; **ଉନ୍ନତିର ଏକମାତ୍ର ପନ୍ଥା ଏହିକି ଯେ, ନିଜ ସୃଷ୍ଟିକର୍ତ୍ତାଙ୍କୁ ଚିହ୍ନ ଏବଂ ତାଙ୍କ ଉପରେ ଜୀବିତ ଆସ୍ଥା ଉତ୍ପନ୍ନ କର ।**

ପ୍ରତ୍ୟେକ ପରିସ୍ଥିତିରେ ଧର୍ମକୁ ସଂସାର ଉପରେ ପ୍ରାଧାନ୍ୟ ଦେବା ପରିପ୍ରେକ୍ଷୀରେ ହଜରତ ମସିହ ମଉଦ[ଅ.ସ] ଅଧିକନ୍ତୁ କୁହନ୍ତି; **ଜଗତରେ ଦୁଇ କିସମର ଲୋକ ଦେଖିବାକୁ ମିଳିଥାନ୍ତି ।** ଗୋଟିଏ ଯେ ଇସଲାମ ଧର୍ମ ସ୍ୱୀକାର କରି ସାଂସାରିକ କାର୍ଯ୍ୟବ୍ୟସ୍ତତା ଓ ବ୍ୟବସାୟରେ ମାତି ଯାଇଥାନ୍ତି । ଶୈତାନ ସେମାନଙ୍କୁ ନିଜ ବଶିଭୂତ କରି ନେଇଥାଏ । ଏଥିରୁ ମୋର ଏହା ଉଦ୍ଦେଶ୍ୟ ନୁହେଁ ଯେ ବ୍ୟବସାୟ କରିବା ନିଷେଧ, ସାହାବା ବାଣିଜ୍ୟ ବ୍ୟବସାୟ ମଧ୍ୟ କରୁଥିଲେ କିନ୍ତୁ ଧର୍ମକୁ ସର୍ବଦା ସାଂସାରିକତା ଉପରେ ପ୍ରାଥମିକତା ଦେଉଥିଲେ । ସେମାନେ ଇସଲାମ ଧର୍ମରେ ଦିକ୍ଷିତ ହେବା ପରେ ପ୍ରକୃତ ଜ୍ଞାନ ଯାହାକି ମନମସ୍ତିଷ୍କକୁ ଉଜ୍ୱଳିତ କରିଦେଇଥାଏ, ହାସଲ କଲେ । ଏହି କାରଣରୁ ସେମାନେ କୌଣସି ସଙ୍କଟାପର୍ଣ୍ଣ ପରିସ୍ଥିତିରେ ମଧ୍ୟ ଆନ୍ଦୋଳିତ ହୋଇଯାଇ ନଥିଲେ ।

ଆପଣ[ଅ.ସ] କୁହନ୍ତି; ମୁଁ ସେହି ଲୋକମାନଙ୍କ ଉପରେ ଅଧିକ ଭରଷା କରିଥାଏ ଯାହାଙ୍କ ଧାର୍ମିକ ଉନ୍ନତି ଓ ଉକଣ୍ଠା ହ୍ରାସ (ଅର୍ଦ୍ଧଗତି) ହୋଇ ନଥାଏ । ଯେଉଁ ଅଭିଳାଷ ଏଥିରେ ହ୍ରାସ ଘଟାଇଥାଏ ମୋର ଶଙ୍କା ରହିଛି ଯେ, ଶୈତାନ ତାଙ୍କୁ କବଳିତ କରି ନନେଉ । ଏଥିସକାଶେ କଦାଚିତ ଅଳସୁଆମି ପ୍ରଦର୍ଶନ କରିବା ଉଚିତ୍ ନୁହେଁ ।

ଆପଣ[ଅ.ସ] କୁହନ୍ତି; ଅଣମୁସଲମାନମାନେ ପବିତ୍ର କୁରଆନ୍ ଜାଳିବାର ସାହସ କିପରି ଜୁଟାଉଛନ୍ତି । ଏଥିପାଇଁ କି ଆମେମାନେ ପବିତ୍ର କୁରଆନ୍‌ର ଶିକ୍ଷା ମୁତାବକ କାର୍ଯ୍ୟାନୁସରଣ କରିବା ଛାଡ଼ିଦେଲେ । ବସ୍ତୁତଃ ସେମାନେ ଏପରି ଦୁଃସାହସ କଲେ । ଯେଉଁ ବ୍ୟକ୍ତି ନିଜ ଜ୍ଞାନରେ ଅଭିବୃଦ୍ଧି କରିବାକୁ ଚାହୁଁଛି ତାହାକୁ ଆବଶ୍ୟକ କି ପବିତ୍ର କୁରଆନ୍‌କୁ ଧ୍ୟାନ ପୂର୍ବକ ଅଧ୍ୟୟନ କରୁ । ଯାହା ବୁଝା ପଡୁ ନାହିଁ ସେଥିସଂକ୍ରାନ୍ତରେ ପଚାରି ବୁଝନ୍ତୁ । ସ୍ମରଣ ରହୁ ଯେ, ପବିତ୍ର କୁରଆନ୍ ଏକ ଧାର୍ମିକ ମହାସାଗର, ଯାହାର ଗହ୍ୱରରେ ବଡ଼ ବଡ଼ ଅମୂଲ୍ୟ ରତ୍ନ ଲୁକ୍କାୟିତ ଓ ଚିରସ୍ରୋତା ନିର୍ଝର ପ୍ରବାହିତ । ସୁତରାଂ ଆମକୁ ନିଜର ବିଶ୍ଳେଷଣ କରିବା ଉଚିତ୍ ଯେ, କେତେଜଣ ଏମିତି ଅଛନ୍ତି ଯେଉଁମାନେ ଧ୍ୟାନ ପୂର୍ବକ ପବିତ୍ର କୁରଆନ୍ ପାଠ କରୁଛନ୍ତି ଏବଂ ତଦ୍‌ନୁଯାୟୀ କାର୍ଯ୍ୟକାରୀ କରୁଛନ୍ତି ।

ଆପଣ[ଅ.ସ] କୁହନ୍ତି; ସତ୍‌ଧର୍ମର ଭିତ୍ତିପ୍ରସ୍ତର ପ୍ରଭୁଙ୍କ ଉପରେ ଆସ୍ଥା ପୋଷଣ କରିବା ଅଟେ । ଯେ ପ୍ରଭୁଙ୍କ ଉପରେ ଆସ୍ଥା ପୋଷଣ କରିବାକୁ ଇଚ୍ଛୁକ ତାହାକୁ ପବିତ୍ରତା ଅବଲମ୍ବନ କରିବା ଅନିବାର୍ଯ୍ୟ । ନିଜ ହୃଦୟରେ ଈଶ୍ୱରଙ୍କ ଭୟକୁ ସ୍ଥାନ ଦିଅ । କାରଣ ଧର୍ମନିଷ୍ଠକୁ ପ୍ରଭୁ କଦାପି ନଷ୍ଟ ହେବାକୁ ଦେଇ ନଥାନ୍ତି । ସେ ସ୍ୱର୍ଗପୁରରୁ ତାହାର ସାହାଯ୍ୟ କରିଥାନ୍ତି । ଦେବଦୂତମାନେ ତାହାର ସାହାଯ୍ୟ କରିବା ପାଇଁ ଅବତୀର୍ଣ୍ଣ ହୋଇଥାନ୍ତି । ଏଥିରୁ ବଳି ଆଉ ବା କ'ଣ ଲୋଡ଼ା ଯେ, **ଧର୍ମପରାୟଣ ବ୍ୟକ୍ତି ହସ୍ତରେ ଚମ୍ତ୍କାର ପ୍ରଦର୍ଶିତ ହୋଇଥାଏ ।**

ହଜରତ ମସିହ ମଉଦ[ଅ.ସ] କୁହନ୍ତି; ସେହି ନମାଜ ଅପକର୍ମକୁ ଦୂର କରି ଦେଇଥାଏ । ଯାହାକି ନିଜ ଭିତରେ ସତ୍ୟକୁ ଧାରଣ କରିଥାଏ ଏବଂ ଅନୁକମ୍ପା ଓ ଉତ୍ତମ ପ୍ରଭାବ ସମ୍ବଳିତ ଅଟେ । ସୁନିଶ୍ଚିତ ରୂପେ

ଏପରି ନମାଜ ଅପକର୍ମରୁ ନିସ୍ତାର ପ୍ରଦାନ କରିଥାଏ । ନମାଜର ମୂଳତତ୍ତ୍ୱ ଓ ଆତ୍ମା ସେହି ଦୁଆରେ ଅନ୍ତର୍ନିହିତ ଯାହାକି ଏକ ଆତ୍ମସନ୍ତୋଷ ଓ ତୃପ୍ତି ନିଜ ଭିତରେ ବହନ କରିଥାଏ ।

ଅତଃ ଆମମାନଙ୍କୁ ନିଜର ଆତ୍ମମନ୍ଥନ କରିବା ଆବଶ୍ୟକ ଯେ, କ'ଣ ଆମେ ନମାଜ ପାଠ କରି ସେହି ଆତ୍ମସନ୍ତୋଷ ଓ ତୃପ୍ତି ଲାଭ କରୁଅଛେ । ଅଥବା ଆମେ ପୂର୍ଣ୍ଣ ରୂପେ ମାଧ୍ୟମ ଉପରେ ଭରଷା ତ କରୁ ନାହେଁ ? ଯଦି ଆମେ ନିଜ ନମାଜର ସୁରକ୍ଷା କରିବା ତେବେ ଆମେ ନିଜର ବିଶ୍ୱାସର କର୍ତ୍ତବ୍ୟ ସମ୍ପାଦନ କରିନେବା । ନଚେତ୍ ଆମ ଅବସ୍ଥା ଚିନ୍ତା ଯୋଗ୍ୟ ।

ଜ୍ଞାନ ଓ ବ୍ରହ୍ମଜ୍ଞାନରେ ଉନ୍ନତି ତଥା ସିଦ୍ଧପୁରୁଷ ଓ ତାଙ୍କ ସହଚରମାନଙ୍କ ମଧ୍ୟରେ ଥିବା ସମ୍ପର୍କ ସମ୍ବନ୍ଧରେ ହଜୁର[ଅ.ସ] କୁହନ୍ତି; ସିଦ୍ଧପୁରୁଷ ଓ ତାଙ୍କ ସହଚରଙ୍କ ସମ୍ପର୍କ ଗୁରୁ ଓ ଶିଷ୍ୟଙ୍କ ପରି ବୁଝିବା ଉଚିତ୍ । ଯେପରି ଛାତ୍ର ଗୁରୁଠାରୁ ଉପକୃତ ହୋଇଥାଏ ସେହିପରି ସହଚରମାନେ ନିଜ ମୁନିବ (ସ୍ୱାମୀ)ଙ୍କ ଠାରୁ ଉପକୃତ ହୋଇଥାନ୍ତି । କିନ୍ତୁ ଯଦି ଶିଷ୍ୟ ନିଜ ଗୁରୁ ସହିତ ସମ୍ପର୍କ ରକ୍ଷା କରିବା ସତ୍ତ୍ୱେ ଶିକ୍ଷା ହାସଲ କରିବାରେ ଆଗକୁ ଅଗ୍ରସର ନହୁଏ ତେବେ ସେ କିପରି ଉପକୃତ ହେବ । ଏହିପରି ଅବସ୍ଥା ସହଚରମାନଙ୍କର ମଧ୍ୟ ହୋଇଥାଏ । ସୁତରାଂ ଏହି ପ୍ରସଙ୍ଗରେ ନିଜ ସ୍ୱାମୀଙ୍କ ସହ ସମ୍ପର୍କ ସ୍ଥାପନ କରି ଜ୍ଞାନ ଓ ବ୍ରହ୍ମଜ୍ଞାନରେ ଉନ୍ନତି କରିବା ଉଚିତ୍ । **ସତ୍ୟାନୁସନ୍ଧିତ୍ସୁଙ୍କୁ ଗୋଟିଏ ସ୍ଥାନରେ ପହଞ୍ଚି ଅଟକି ଯିବା ଉଚିତ୍ ନୁହେଁ ।** ନଚେତ୍ ଅଭିଶପ୍ତ ଶୈତାନ ଅନ୍ୟତ୍ର ପଥଭ୍ରଷ୍ଟ କରିଦେବ ।

ହଜୁର[ଅ.ସ] କୁହନ୍ତି; ଯଦି ମୋର ବୈଅତ କରିଛ ତେବେ ମୋତେ ନ୍ୟାୟବନ୍ତ ଓ ନ୍ୟାୟ ବିଚାରକ ସ୍ୱୀକାର କର । ଏହି ପ୍ରସଙ୍ଗରେ ଉପରେ ବିଶ୍ୱାସ ରଖ ଯେ, ଯେଉଁ ହିତଉପଦେଶ ମୁଁ ଦେବି ତାହା ଅଲ୍ଲାଃ ଓ ରସୁଲଙ୍କ ଶିକ୍ଷା ଅନ୍ତର୍ଗତ ହିଁ ପ୍ରଦାନ କରିବି । ଆପଣ[ଅ.ସ] କହିଲେ; ଯେଉଁ ଲୋକମାନେ ମୋର ଅସ୍ୱୀକାର କରନ୍ତି ଏବଂ ମୋ ଉପରେ ଆପତି ବାଢ଼ନ୍ତି, ସେମାନେ ମୋତେ ଚିହ୍ନି ପାରି ନଥାନ୍ତି । ଆଉ ଯେ ମୋତେ ସ୍ୱୀକାର କରିବା ପରେ ମୋ ଉପରେ ଆପତ୍ତି କରିଥାଏ ସେ ତା'ଠାରୁ ବଡ଼ ହତଭାଗା ଯେ ମୋତେ ଦେଖିବା ସତ୍ତ୍ୱେ ଅନ୍ଧ ପାଲଟିଗଲା ।

ହଜୁର[ଅ.ସ] ନିଜ ଆଗମନର ଉଦ୍ଦେଶ୍ୟ ଦର୍ଶାଇ କୁହନ୍ତି; ମୋର ଆବିର୍ଭାବର ଉଦ୍ଦେଶ୍ୟ ଏକେଶ୍ୱରବାଦର ପ୍ରତିଷ୍ଠା, ଉତ୍ତମ ଚରିତ୍ର ଓ ଆଧ୍ୟାତ୍ମିକତାକୁ ପରିବ୍ୟାପ୍ତ କରିବା ଅଟେ । ଏକେଶ୍ୱରବାଦର ଅର୍ଥ ନିଜ ସ୍ରଷ୍ଟାଙ୍କୁ ହିଁ ନିଜ ମୂଳ ଲକ୍ଷ, ପ୍ରେମିକ ଓ ସର୍ବସ୍ୱ ବିଶ୍ୱାସ କରିନେବା ।

ଉତ୍ତମ ଚରିତ୍ରର ଅର୍ଥ ଯେଭଳି ସାମର୍ଥ୍ୟ ମନୁଷ୍ୟକୁ ପ୍ରାପ୍ତ ହୋଇଛି ତାହାକୁ ଉପଯୁକ୍ତ ସମୟ, ପରିସ୍ଥିତିରେ ବିନିଯୋଗ କରିବା । ଏପରି ନୁହେଁ କି ନିଜର କିଛି ଶକ୍ତିକୁ ବେକାର ଛାଡ଼ି ଦେବା ଏବଂ ଆଉ କିଛି ଶକ୍ତି ଉପରେ ଅତ୍ୟଧିକ ଚାପ ପକାଇବା ଅର୍ଥାତ ବିନିଯୋଗ କରିବା । ତତ୍‌ପଶ୍ଚାତ ଆଧ୍ୟାତ୍ମିକତା ଅର୍ଥ ଏହିକି ଯେ, ପ୍ରଭାବ ଓ ଲକ୍ଷଣ ପ୍ରତିପାଦିତ ହେବା । ଯାହାକି ଅଲ୍ଲାଃତାଲାଙ୍କ ସହିତ ନିଷ୍ଠାପର ସମ୍ପର୍କ ସ୍ଥାପନ କରିବା ଦ୍ୱାରା ପ୍ରକଟ ହୋଇଥାଏ । ସୁତରାଂ ପ୍ରତ୍ୟେକ ଅହେମଦୀଙ୍କୁ ଏହି ବିଷୟରେ ଚିନ୍ତନ କରିବା ଉଚିତ୍ ଯେ ତାହା ହୃଦୟରେ ଏକେଶ୍ୱରବାଦ ପ୍ରତି କିପରି ଆଗ୍ରହ ଓ ଉତ୍କଣ୍ଠା ବିଦ୍ୟମାନ । ଏହିପରି ଯେତେବେଳେ ଆମେ ମସଜିଦ୍ ନିର୍ମାଣ କରୁଅଛେ ତେବେ ତାହାକୁ ଆବାଦ୍ କରିବା ପ୍ରତି ଆମେ ତତ୍ପର ରହିବା ଉଚିତ୍ । ଏହିପରି ପ୍ରତ୍ୟେକ ଅହେମଦୀ ଉତ୍ତମ ଆଚରଣ ପ୍ରଦର୍ଶନ କରିବା ଉଚିତ୍ । ଏହି ଉତ୍ତମ ଆଚରଣ ଆମ ବାର୍ତ୍ତା ଅନ୍ୟମାନଙ୍କ ନିକଟରେ ପହଞ୍ଚାଇବାରେ ବଡ଼ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରେ । ଆପଣ[ଅ.ସ] କୁହନ୍ତି;

ଆଧ୍ୟାତ୍ମିକତାର ସ୍ତର ସେତେବେଳେ ଜଣା ପଡ଼ିଥାଏ ଯେତେବେଳେ ଅଲ୍ଲାହ ଓ ଭକ୍ତଙ୍କ ଅଧିକାର ସମ୍ପାଦନ କରାଯାଏ ।

**କ'ଣ ଆମର ନିଜ ସ୍ରଷ୍ଟାଙ୍କ ସହିତ ଦୃଢ଼ ସମ୍ପର୍କ ସ୍ଥାପନ ହୋଇପାରିବ ? କ'ଣ ଆମେ ନମାଜର ଉଚ୍ଚତମ ସ୍ତର ପ୍ରାପ୍ତ କରିପାରିବା ? କ'ଣ ଆମେ ନମାଜ ସମୟରେ ସାଂସାରିକ କାର୍ଯ୍ୟବ୍ୟସ୍ତତାକୁ ଛାଡ଼ି ନମାଜ ପାଠ କରିବାକୁ ଉପସ୍ଥିତ ହୋଇ ଯାଉଛେ ଅଥବା କେବଳ ମସଜିଦ୍ ନିର୍ମାଣ କରିବା ପ୍ରତି ପ୍ରୟାସରତ ? କ'ଣ ଆମେ ନିୟମିତ ରୂପେ ପବିତ୍ର କୁରଆନ ପାଠ କରୁଅଛେ ? କ'ଣ ଆମେ ପବିତ୍ର କୁରଆନର ନିର୍ଦ୍ଦେଶାବଳୀ ଅନ୍ୱେଷଣ କରି ତାହା ଉପରେ କାର୍ଯ୍ୟକାରୀ କରୁଅଛେ ? କ'ଣ ଆମେ ନିଜ ପିଲାମାନଙ୍କୁ କେବଳ ସାଂସାରିକ ଶିକ୍ଷା ଆହରଣ ପ୍ରତି ବ୍ୟଗ୍ର ରହିଛେ ? କ'ଣ ଆମ ଉତ୍ତମ ଆଚରଣ ପାରସ୍ପରିକ ସମ୍ପର୍କର ସେହି ସ୍ତର ହାସଲ କରିନେଇଛି ଯାହାକି ରୁହମାଉ ବୈନାହୁମ୍‌ର ଅବିକଳ ଦୃଶ୍ୟ ପ୍ରତିପାଦିତ କରିଥାଏ ? କ'ଣ ଏହି ଉତ୍ତମ ଆଚରଣ ନମୁନା ଅଣଅହେମଦୀଙ୍କ ଉପରେ ପ୍ରକାଶ କରି ସେମାନଙ୍କୁ ଇସଲାମର ସୁନ୍ଦର ଶିକ୍ଷା ସମ୍ପର୍କରେ ଅବଗତ କରାଉଅଛି ? ସୁତରାଂ ସର୍ବପ୍ରଥମେ ନିଜର ବିଶ୍ଳେଷଣ କରିନିଅ ଯେ, ଅଲ୍ଲାହ ଓ ଭକ୍ତଙ୍କ କର୍ତ୍ତବ୍ୟ ସମ୍ପାଦନ କରିବାରେ ଆମେ କେଉଁ ସ୍ତର ହାସଲ କରିନେଇଛେ ।**

ଆମେମାନେ ଏହି ଦୃଢ଼ ସଙ୍କଳ୍ପ କରି ପାଦ ଉଠାଇଛେ ଯେ, ସଂସାବାସୀଙ୍କର ହୃଦୟ ଜୟ କରିବା ଏବଂ ସେମାନଙ୍କୁ ପ୍ରଭୁଙ୍କ ଏକେଶ୍ୱରବାଦ ତଳେ ଏକତ୍ରିତ କରିବା । ସଂସାରବାସୀଙ୍କୁ ହଜରତ ମୁହମ୍ମଦ ସ.ଅଙ୍କ ପାଦ ତଳେ ରୁଣ୍ଡ କରିବା । ଅତଏବ ଏହି ଦିଗରୁ ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ନିଜ ଅନୁଶୀଳନୀ କରିବା ଉଚିତ୍ ଏବଂ ଏକ ନୂତନ ସଙ୍କଳ୍ପର ସହିତ ନୂତନ ଶତାବ୍ଦୀରେ ପଦାର୍ପଣ କରିବା ଉଚିତ୍ ଯେ, ଧର୍ମକୁ ସଂସାର ଉପରେ ପ୍ରାଧାନ୍ୟ ଦେଇ ପାଦ ରଖିବା କି ଏହି ଉଦ୍ଦେଶ୍ୟ ପ୍ରାପ୍ତି ନିମନ୍ତେ ସର୍ବଦା ପ୍ରୟାସରତ ରହିବୁ । ତଥା ନିଜ ସନ୍ତାନସନ୍ତତିଙ୍କୁ ମଧ୍ୟ ଏହି ତାଗିଦ୍ କରୁଥିବୁ ଏବଂ ସେମାନଙ୍କର ଏପରି ପ୍ରଶିକ୍ଷଣ କରିବୁ ଯେ, ପରମେଶ୍ୱରଙ୍କ ସହ ନିଜ ସମ୍ପର୍କ ଯୋଡ଼ିବାର ଅଗ୍ନିଶିଖା ଗୋଟିକରୁ ତା'ପର ପିଢ଼ୀ ମଧ୍ୟରେ ସଞ୍ଚାରିତ ହୋଇଚାଲିବ । ଅଲ୍ଲାହତାଲା ଏଥିନିମନ୍ତେ ଆମମାନଙ୍କୁ ଶକ୍ତି ପ୍ରଦାନ କରନ୍ତୁ । ଆମିନ୍ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମ୍‌ଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a
1st September 2023